

PCC & SVM GROUP OF INSTITUTIONS
Unstoppable Performance !!! History Repeats Again !!! ପୁଣିଥରେ ପ୍ରମାଣିତ ମୟୂରଭଞ୍ଜରେ ଗୁଣାତ୍ମକ ଶିକ୍ଷାର ଅଭାବ ନାହିଁ ।
MATRIC-2024
ABHINAS BEHERA
MAYURBHANJ 3RD TOPPER
554/600
NOROTTAM MOHANTA 552/600
DEBASMITA SI 552/600
CHITTARANJAN MOHANTA 546/600
PADMINI MOHANTA 544/600
ADITYA OMM PRAKASH 540/600
DIBYANSHU DHAL 540/600
NELSON BHIMKUMAR HANSDAH
552/600
TOTAL APPEARED=109
90% & ABOVE = 09
500 & ABOVE = 15
80% & ABOVE = 24
70%& ABOVE = 60
78% FIRST CLASS
SCIENCE-2024
CENTRE - M.P.C. COLLEGE
MAYANK MAYAM KUMAR
MAYURBHANJ 2ND TOPPER
559/600
SUBHAM GIRI 548/600
KIRAN KARNANI 546/600
SUBHANKAR SAHU 546/600
SATYA S. GOCHHAIT 543/600
BISWAJIT PAIKIRA 542/600
GAUTAM GIRI 539/600
SATYA S. BHOLE 536/600
SMRUTI R. PRADHAN 535/600
JYOTISMITA PRADHAN 534/600
HRUSHIKESHAN DHAL 530/600
DEBANANDA BEHERA 527/600
RAJESH BEHERA 527/600
NIKITA PANI 522/600
NIKITA PATRA 522/600
SWASTIK BISWAL 522/600
PUSPA PATI R MOHANTA 521/600
NIHAR R. MOHAPATRA 517/600
BIBHUTI B. SETHI 516/600
JAGANNATH DHIR
549/600
TOTAL APPEARED=207
90% & ABOVE = 07
500 & ABOVE = 32
80% & ABOVE = 54
70%& ABOVE = 89
96% FIRST CLASS
ARTS-2024
CENTRE- M.P.C. COLLEGE
MADHUSMITA MOHANTA
MAYURBHANJ TOPPER
545/600
PUSPANJALI BEHERA 539 / 600
SHARMITA PARIDA 534 / 600
PRACHISMITA SAHOO 531 / 600
MANIMA BHOL 524 / 600
PRAGYAN P. DALEI 524 / 600
CHANDU NAIK 523 / 600
MANASI SINGH 516 / 600
BHABANI S. DASH 515 / 600
PRACHI MOHAKUD 515 / 600
PUJAPHULA MURMU 509 / 600
DIBYAJYOTI MAL
MAYURBHANJ 2ND TOPPER
543/600
TOTAL APPEARED=76
90% & ABOVE = 02
500 & ABOVE = 15
80% & ABOVE = 21
70%& ABOVE = 42
60% & ABOVE = 63
86% FIRST CLASS
SAI VIDYA MANDIR
MAHAVEER MUNDALOHARI JOINED IIT, MADRAS
BIBHUTI BHUSAN SETHI JEE Main -2024 QUALIFIED
SUMBUL SAIKH JEE Main -2024 QUALIFIED
BISWAJIT PAIKIRA JEE Main -2024 QUALIFIED 95.7%
PRITAM P. PAL QUALIFIED JEE Main 95.6%
ASHRUMACHAN BEHERA STUDY IN ICAR, MANIUR
PRATIKHSYA FROM- GADIA SELECTED IN SUNDARGARH MEDICAL COLLEGE
JYOTIRANJAN FROM- BIJATALA SELECTED IN BURLA MEDICAL COLLEGE
2023 NEET QUALIFIER
SVM
ସାଇ ବିଦ୍ୟା ମନ୍ଦିର
Kailash Chandra Pur
Kathapal
Near Ranga lal High School
Baripada,Mayurbhanj
+2 Science • +2 Arts • ଓଡ଼ିଆ ମାଧ୍ୟମ ଆବାସିକ ବିଦ୍ୟାଳୟ (ପ୍ରଥମ ରୁ ଦଶମ)
Admission Going on For Science & Arts
9439667645,9692393616,9853886431
9658061929,7008843378,9583606816







# ଗୌରବ ଆଣିଲେ ପ୍ରିନ୍ସ କଲେଜ ଛାତ୍ର



ଅଭିଷେକ ଧଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବାରିପଦା, ୨୭।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଚଳିତବର୍ଷ ପ୍ରିନ୍ସ କଲେଜର ଛାତ୍ର ଅଭିଷେକ ଧଡ଼ା ମୋଟ ୫୭୨ ନମ୍ବର ରଖି ସମଗ୍ର ରାଜ୍ୟରେ ଦ୍ୱିତୀୟ ତଥା ଉତ୍ତର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରି ମୟୂରଭଞ୍ଜ ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି । କୁଳିଅଣା ବ୍ଲକ ଅଞ୍ଚଳର ଅଭିଷେକଙ୍କ ବାପା ପରିବା ବ୍ୟବସାୟ କରୁଥିବା ବେଳେ ମା' ଜଣେ ଗୃହିଣୀ । ଭବିଷ୍ୟତରେ ସେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବା ଲକ୍ଷ୍ୟ ରଖିଛନ୍ତି । ପୂର୍ବ ବର୍ଷ ମଧ ପ୍ରିନ୍ସ କଲେଜର ଛାତ୍ର ରୁଦ୍ରନାରାୟଣ ଭୋଇ +୨ ବିଜ୍ଞାନରେ ୫୬୮ ମାର୍କ ରଖି ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ସିଏ ମଧ ଜଣେ ଚାଷୀ ପରିବାରର ପୁଅ ଥିଲେ । କ୍ରମାଗତ ଭାବେ ରାଜ୍ୟସ୍ତରୀୟ +୨ ବିଜ୍ଞାନ ଏବଂ କଳାରେ ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲାରେ ସଫଳତା ହାସଲ କରି ପ୍ରିନ୍ସ କଲେଜ ମୟୂରଭଞ୍ଜ ଜିଲାକୁ ଗୌରବାନ୍ୱିତ କରିବା ସମଗ୍ର ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି ।

ସୂଚନାଥାଉ କି, ଚଳିତବର୍ଷ ପ୍ରିନ୍ସ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ ବାରିପଦା ଏବଂ ବାଲେଶ୍ୱର ତରଫରୁ ୩୫୦ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ସମସ୍ତ ୩୫୦ପିଲା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ୩୪୨ ପିଲା ପ୍ରଥମ ଶ୍ରେଣୀରେ ତନ୍ମଧରୁ ୮ ଜଣ ପିଲା ୯୦% ରୁ ଅଧିକ ନମ୍ବର, ୯୦ ଜଣ ୮୦% ରୁ ଅଧିକ ନମ୍ବର ଏବଂ ୫୬ ଜଣ ପିଲା ୫୦୦ରୁ ଅଧିକ ନମ୍ବର ରଖି କଲେଜକୁ ଗୌରବାନ୍ୱିତ କରିଛନ୍ତି ।

# ମାଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ବାରିପଦା, ୨୭।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତ ଶିକ୍ଷାବର୍ଷ ୨୦୨୪ର ମାଟ୍ରିକ ବୋର୍ଡ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରା ବାରିପଦାର ୭ଜଣ ଛାତ୍ରୀଛାତ୍ର ଏ-୧ ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ସେମାନେ ହେଲେ ଜ୍ୟୋତିକା ମହାପାତ୍ର ୫୬୯ (୯୪.୮୩ ପ୍ରତିଶତ ), ହରିଶଙ୍କର ହାତୀ, ଆଦିତ୍ୟ ମିଶ୍ର, ସ୍ୱନ୍ଦନ କୁମାର ମହାନ୍ତ ଓ ଶୁଭେନ୍ଦୁ ମହାନ୍ତ ପ୍ରତ୍ୟେକ ୫୫୨(୯୨ ପ୍ରତିଶତ), ଗୁଲଶନ ମହାନ୍ତ ୫୪୫(୯୦.୮୩ ପ୍ରତିଶତ) ଓ ସ୍ନିଗ୍ଧା ମଞ୍ଜରୀ ମହାନ୍ତ ୫୪୨(୯୦.୩୩ ପ୍ରତିଶତ)ନମ୍ବର ରଖିଛନ୍ତି । ଜ୍ୟୋତିକା ମହାପାତ୍ର ସର୍ବାଧିକ ନମ୍ବର ରଖି ମୟୂରଭଞ୍ଜ ଜିଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି । ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ପ୍ରଧାନ ଆଚାର୍ଯ୍ୟ ସୁଧୀର କୁମାର ମହାନ୍ତଙ୍କ ଅଧକ୍ଷତାରେ ମେଧାବୀ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମ୍ପାଦକ ଶୁଭେନ୍ଦୁ ପାଲ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାମନ୍ଦିର ବିଭାଗର ପର୍ଯ୍ୟାୟ ପ୍ରମୁଖ ଛତିଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାମନ୍ଦିର ବିଭାଗର ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ ।

# ମାଟ୍ରିକ୍ ପରୀକ୍ଷାରେ ସାଇ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ କୃତିତ୍ୱ

ବାରିପଦା, ୨୭।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର କୈଳାସ ଚନ୍ଦ୍ରପୁର କାଠପାଳସ୍ଥିତ ସାଇ ବିଦ୍ୟାମନ୍ଦିର ପ୍ରତିବର୍ଷ ପରି ଏବର୍ଷ ମଧ ମାଟ୍ରିକ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି । ମୋଟ ୧୦୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଅବିନାଶ ବେହେରା ସର୍ବାଧିକ ୫୫୪ ନମ୍ବର ରଖି ଅନୁଷ୍ଠାନର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିଛନ୍ତି । ନରୋତ୍ତମ ମହାନ୍ତ ୫୫୨, ନେଲସନ ଭୀମକୁମାର ହାଁସଦା ୫୫୨, ଚିତ୍ତରଞ୍ଜନ ମହାନ୍ତ ୫୪୬, ପଦ୍ମିନୀ ମହାନ୍ତ ୫୪୪, ଆଦିତ୍ୟ ଓମ୍ ପ୍ରକାଶ ଧଳ ୫୪୦, ସତ୍ୟମ ମିଶ୍ର ୫୨୭, ଦିବ୍ୟଶଙ୍କର ଗିରି ୫୨୪, ପ୍ରଜ୍ଞା ଦତ୍ତ ୫୨୨, କଲ୍ୟାଣ ବୀର ମୁଣ୍ଡାଲୁହାରୀ ୫୧୭, ସନ୍ଦୀପ ମଣ୍ଡଳ ୫୦୯, ସୁଜଳ ପୁଟି ୫୦୯ ଓ ଧନଞ୍ଜୟ ମହାନ୍ତ ୫୦୮ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ୬୦ ପ୍ରତିଶତରୁ ଅଧିକ ୮୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ଶିକ୍ଷାନୁଷ୍ଠାନର ମୁଖ୍ୟ ପରିଚାଳକ ଦେବାଶିଷ ମୁଦୁଲି, ପ୍ରଧାନଶିକ୍ଷକ ଆଶିଷ କୁମାର ହୋତା, ସିଇଓ ଚିତ୍ତରଞ୍ଜନ ରାଉତ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅନୁଷ୍ଠାନର ନିର୍ମାତା, ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ କୃତୀ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଦେବା ସହ ସେମାନଙ୍କ ସୁଦୀର୍ଘ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ସଫଳତାର ଶ୍ରେୟ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଦେଇଛନ୍ତି ।

# ସାଇ ହାୟର ସେକେଣ୍ଡାରି ସ୍କୁଲର ରେକର୍ଡ

## ଯୁକ୍ତ ୨ ବିଜ୍ଞାନ ଫଳାଫଳ

ବାରିପଦା, ୨୭।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ସାଇ ହାୟାର ସେକେଣ୍ଡାରୀ ସ୍କୁଲ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତାରେ ରେକର୍ଡ ସୃଷ୍ଟି କରିଛି । ମୋଟ ୧୭୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୩ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯାହାକି ସମଗ୍ର ଓଡ଼ିଶାର ପ୍ରଥମ ଶ୍ରେଣୀ ଶତକଡ଼ା ଅନୁସାରେ ଏକ ରେକର୍ଡ । ଶହେ ପ୍ରତିଶତ ପରୀକ୍ଷାଫଳ ହୋଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍କୁଲର ଛାତ୍ର ଜୟତନୁ ଭଦ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ପାୟଲ ଦାସ ଦ୍ୱିତୀୟ ଏବଂ ଛାତ୍ର ରୋହିତ ସାହୁ ତୃତୀୟ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି । ବିଦ୍ୟାଳୟର ଶୈକ୍ଷିକ ପରିବେଶ ଏବଂ ଉଚ୍ଚକୋଟୀର ଶିକ୍ଷାଦାନ ପ୍ରଣାଳୀ ସହ ଛାତ୍ରୀଛାତ୍ରଙ୍କ କଠୋର ପରିଶ୍ରମ ଆଜି ଏହି ସଫଳତା ଆଣିବାରେ ସହାୟକ ହୋଇଛି । ଯେଉଁଥିରେ ଅଭିଭାବକମାନଙ୍କର ସଦିଚ୍ଛା ଏବଂ ଅତୁଟ ବିଶ୍ୱାସକୁ ଅନୁଷ୍ଠାନର ନିର୍ଦ୍ଦେଶକ ଅମିୟ ଶଙ୍କର ସାହୁ ଶ୍ରେୟ ଦେଇଛନ୍ତି ।



## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଧାମନଗର,୨୭।୫(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଅଧୀନ ଦଇପୁର ପଞ୍ଚାୟତର ନାରାୟଣପୁର ଗ୍ରାମର ବାସୁଦେବ ରଣାଙ୍କ ପତ୍ନୀ ତୁଳସୀ ରଣା(୨୩)ଙ୍କ ସୋମବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଭୋର ସମୟରେ ସେ ଫୁଲ ତୋଳିବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଧାମନଗର ପୋଲିସ ମାମଲା (ନଂ.୧୪/୨୪) ରୁଜୁ କରିଛି। ୨୦୨୧ ଜୁନ୍‌ରେ ତୁଳସୀଙ୍କର ବାସୁଦେବଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ତାଙ୍କର ଏକ ଦେଢ଼ ବର୍ଷର ପୁଅ ଅଛି।

### ସୁରକ୍ଷା ବାଡ଼ରେ ପିଟିହୋଇ ବାଇକ ଚାଳକଙ୍କ ମୃତ୍ୟୁ

ଢେଙ୍କିକୋଟ,୨୭।୫(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ଢେଙ୍କିକୋଟ ପଞ୍ଚାୟତ ଜାତୀୟ ରାଜପଥ ୨୨୦ ନଂ. କପାସପଡ଼ା ବୁଲାଣି ରାସ୍ତାରେ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ଥାନା ଅନ୍ତର୍ଗତ ଡିଆନାଳୀ ଗ୍ରାମର ବାଇଧର ମୁଣ୍ଡାଙ୍କ ପୁଅ ରଣଜିତ ମୁଣ୍ଡା (୩୨)। ସେ ବାଇକ ଯୋଗେ ଢେଙ୍କିକୋଟ ବଜାରରୁ ସଉଦା କରି ଫେରୁଥିଲେ। ଅପରାହ୍ନ ସାଢେ ୫ ଟା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ ଲୁହା ସୁରକ୍ଷା ବାଡ଼ରେ ଧକ୍କା ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ଦୁର୍ଘଟଣାଗ୍ରସ୍ତ ନମ୍ବର ବିହୀନ ବାଇକ୍ ଜବତ କରି ତଦନ୍ତ କରୁଛନ୍ତି।

### ଟଙ୍କା ବ୍ୟାଗ୍ ନେଇ ଦୁର୍ବୃତ୍ତ ଫେରାର, ଥାନାରେ ଅଭିଯୋଗ

କାଳିପଦା, ୨୭।୫(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ ତାପୁଣ୍ଡିଆ ଗ୍ରାମର ରମେଶ ଚନ୍ଦ୍ର ସାହୁ ଏବଂ ତାଙ୍କ ସ୍ତ୍ରୀ କବିତା ସାହୁ ସୋମବାର ପୂର୍ବାହ୍ନରେ ଖପରାପଦା ବ୍ୟାଙ୍କରୁ ୯୮ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ଖପରାପଦା ବଜାରରେ ସାଇକେଲରେ ଟଙ୍କା ବ୍ୟାଗ୍ ରଖି ସଉଦା କରୁଥିବା ବେଳେ ୨ ଜଣ ବ୍ୟକ୍ତି ଆସି ବ୍ୟାଗ ନେଇଯାଇଥିଲେ। ଘର ଛାତ ପକାଇବା ପାଇଁ ସେ ବ୍ୟାଙ୍କରୁ ଟଙ୍କା ଉଠାଇଥିବାରୁ ସ୍ୱାମୀ ସ୍ତ୍ରୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଦମ୍ପତିଙ୍କ କହିବା ଅନୁଯାୟୀ ଜମି ବିକି ଘର କରିବା ପାଇଁ ରଖିଥିବା ଟଙ୍କା ବ୍ୟାଙ୍କରୁ ଉଠାଇବା ପରେ ଗଣିଥିଲେ। ସେଠାରେ ଦୁଇ ଜଣ ବ୍ୟକ୍ତି ତାଙ୍କ ପଛରେ ରହି ସାଇକେଲରୁ ଟଙ୍କା ବ୍ୟାଗ୍‌କୁ ନେଇଯାଇଥିଲେ ବୋଲି କହିଛନ୍ତି। ବ୍ୟାଙ୍କରେ ରହିଥିବା ସିସିଟିଭି କ୍ୟାମେରାରେ ସେହି ବ୍ୟକ୍ତିଜଣଙ୍କ ଫଟୋ ରହିଥିବା ସେମାନେ ସନ୍ଦେହ କରୁଛନ୍ତି। ଏନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରୋଡ୍‌ଶୋ'

ବାସୁଦେବପୁର,୨୭।୫ (ନାରାୟଣ ପ୍ରସାଦ ବାରିକ୍)

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଭଦ୍ରକ ଜିଲା ବାସୁଦେବପୁର ଗସ୍ତ କରିଛନ୍ତି। ଅପରାହ୍ନରେ ଏଠାରେ ରୋଡ୍‌ଶୋ' କରି ଭାଜପା ପ୍ରାର୍ଥୀଙ୍କ ପାଇଁ ସେ ଭୋଟ ମାଗିଥିଲେ। ବିଦେଇପୁରଠାରୁ ଭାଜପା ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବାସୁଦେବପୁର ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତିଙ୍କ ପାଇଁ ରୋଡ୍ ଶୋ'ରେ ବିରସ, ଗୋବିନ୍ଦପୁର, ନାୟକାଣିଡିହୀ, କରଞ୍ଜଆଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ତାଙ୍କ ସହ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ, ଭାଜପାର ଭଦ୍ରକ ଲୋକ ସଭା ପ୍ରଚାର କମିଟି ଅଧକ୍ଷ ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରୋଡ୍‌ଶୋ'ର କିଛି ସମୟ ପରେ କେନ୍ଦ୍ରମନ୍ତ୍ରୀ ସୋର ଅଞ୍ଚଳର ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ।



ରୋଡ୍‌ଶୋ'ରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଭାଜପା ପ୍ରାର୍ଥୀ ପ୍ରଚାର କରୁଛନ୍ତି।

## 'କବି ସଦାନନ୍ଦ ସାହୁ ଥିଲେ ଅମ୍ଳାନ ପ୍ରତିଭା'

ଭଦ୍ରକ, ୨୭।୫ (ରବିନାରାୟଣ ଖିଲାର)

ପ୍ରକୃତି, ପରିବେଶ, ଜୀବନଧର୍ମୀ, ଦେଶାତ୍ମବୋଧକ, ଲୋକ ସଂସ୍କୃତି, ଲୋକ ପରମ୍ପରା, ସଙ୍ଗୀତ ଭିତ୍ତିକ କବିତା ସ୍ରଷ୍ଟାଙ୍କୁ ଅମର କରିଥାଏ। ଭାଷା ସାହିତ୍ୟ ମାଧ୍ୟମରେ ସମାଜକୁ ବିକାଶଶୀଳ କରିବାରେ ସକ୍ଷମ ହୋଇପାରିବ। ଏକଦା ମହାତ୍ମା ଗାନ୍ଧୀ କହିଥିଲେ, ଗୋଟିଏ ଜାତି ବା ପ୍ରଦେଶକୁ ଜାଣିବାକୁ ହେଲେ ପ୍ରଥମେ ସେ ଅଞ୍ଚଳର ଭାଷା ଏବଂ ଭାଷାର ସ୍ରଷ୍ଟାଙ୍କୁ ଜାଣିବା। ସେମାନଙ୍କୁ ସର୍ବାଗ୍ରେ ସମ୍ମାନ ଦେବା ଏକାନ୍ତ ଆବଶ୍ୟକ ବୋଲି କବି ସ୍ୱର୍ଗତ ସଦାନନ୍ଦ ସାହୁଙ୍କ ତୃତୀୟ ବାର୍ଷିକୀ ସ୍ମୃତିସଭାରେ ବକ୍ତାମାନେ କହିଥିଲେ। ଚରମ୍ପା ଆର୍‌ସିଏଲ୍ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ କବିଙ୍କ ବାସଭବନରେ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ କବି ସଦାନନ୍ଦ ସାହୁଙ୍କ କବିତାର ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରି ମହାପାତ୍ର କହିଥିଲେ, କବିସଦାନନ୍ଦ ସାହୁ ଥିଲେ ଅମ୍ଳାନ ପ୍ରତିଭା। ପ୍ରକୃତିର ଚିତ୍ରଣ, ପରିବେଶର ଗାଥା, ଦେଶାତ୍ମବୋଧକ ଭାବଧାରା ଏବଂ ଲୋକ ପରମ୍ପରାର ଚିତ୍ରଣ ତାଙ୍କ କବିତାରୁ ବାରିହୋଇ ପଡୁଥିଲା। ବିଶିଷ୍ଟ ଅତିଥି ଭାବେ ଶିଶୁ ସାହିତ୍ୟିକ ଇଂ. ଅଭୟ ସୁତାର, କବି ବାବୁଲାଲ ଦାସ, କବୟିତ୍ରୀ ଗୀତାରାଣୀ ଆଇଚ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଅବନୀ ପ୍ରଧାନ, ଗୟାଧର ପଣ୍ଡା, ଡାକ୍ତର କିରଣ ଚନ୍ଦ୍ର ଗୁଇଁ, ସାମାଜିକ କର୍ମୀ କଳ୍ପନା ଜେନା ଏବଂ ରଞ୍ଜିତା ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ଚନ୍ଦ୍ର ରାଉତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଆଦର୍ଶଶିକ୍ଷୟିତ୍ରୀ ରଶ୍ମିତା ଦାଶ, ଔପନ୍ୟାସିକା ସଂଯୁକ୍ତା ବଳ ଓ ବୀଣାପାଣି ତ୍ରିପାଠୀଙ୍କ ସଂଯୋଜନାରେ ୫୪ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ସ୍ୱରାଜବାର୍ତ୍ତାର ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପିତ ହୋଇଥିଲା। ଶେଷରେ ବିନୋଦ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

## ଭାଜପାରେ ମିଶିଲେ ପଞ୍ଚାୟତ ବିଜେଡି ସଭାପତି, ପୂର୍ବତନ ସମିତିସଭ୍ୟ



ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ଭାଜପା ନେତା।

ବନ୍ତ,୨୭।୫ (ହରି ନାରାୟଣ ମହାନ୍ତି)

ନିର୍ବାଚନ ଯେତେ ପାଖେଇ ଆସୁଛି ନେତା ଓ କର୍ମୀଙ୍କ ଦଳ ବଦଳ ସେତିକି ରୋଚକ ହେଉଛି। ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପଞ୍ଚାୟତ ବିଜେଡି ସଭାପତି ଭାଗୀରଥି ସେଠୀ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପହି, କାଦବରାଙ୍ଗ ସେବା ସମବାୟ ସମିତି ସଭାପତି ବାସୁଦେବ ଜେନା, ବରିଷ୍ଠ ସଙ୍ଗଠକ ବିକାଶ ପାଳ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ବନ୍ତସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ଡ.ସୁଧାଂଶୁ ଶେଖର ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ କୌଣସି ପ୍ରଲୋଭନ ଓ ମିଥ୍ୟା ପ୍ରତିଶ୍ରୁତିରେ ପ୍ରଭାବିତ ନ ହୋଇ ବହୁ ନେତା ଓ କର୍ମୀ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି ବୋଲି ଅଭିମନ୍ୟୁ କହିଥିଲେ। ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଡ଼ିଆରୀ, ସୁଧୀର କୁମାର ନାୟକ, ଛୟାଳସିଂ ସରପଞ୍ଚ ପ୍ରତିନିଧି ସନ୍ତୋଷ ନାୟକ, ବନ୍ତ, ଆଗରପଡ଼ା, ବରଡ଼େଶ୍ୱର ମଣ୍ଡଳର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

### ମାଟ୍ରିକ ପରୀକ୍ଷାରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ସଫଳତା

କେନ୍ଦୁଝର,୨୭।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ଓ ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ସିଦ୍ଧମଃସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ୨ ଛାତ୍ରୀ ଓ ୩ ଛାତ୍ର ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ଯୋଗେନ୍ଦ୍ର ମହାନ୍ତ, ନନ୍ଦିନୀ ସିଂହ, ପ୍ରଧାନ ମୁଣ୍ଡା, ଗାୟତ୍ରୀ ଜେନା ଓ ଅଭୟ ନାୟକ। ୩ ଜଣ ସି ଗ୍ରେଡ୍ ଓ ୨ ଜଣ ଡି ଗ୍ରେଡ୍ ପାଇଛନ୍ତି। ପ୍ରଧାନଶିକ୍ଷକ ମନୋଜ ରଥ ଅଭିନନ୍ଦନ ଜଣାଇଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ବଡବିଲ,୨୭।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଭଦ୍ରାସାହି ରାଜପଥର ଭାରିଯାନ ପାର୍କିଂ ନିକଟରେ ରବିବାର ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡବିଲ ଷ୍ଟେସନ ରୋଡ ଅଞ୍ଚଳର ମାସ୍‌ସାଣ୍ଡିଲ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରି ତଦନ୍ତ କରୁଛି।

## ଭୋଟରଙ୍କୁ ପୋଲିସର ସଚେତନତା ବାର୍ତ୍ତା



ଟିହିଡ଼ି ଥାନା ଆଇଆଇସି ସଚେତନତା ବାର୍ତ୍ତା ଲିଫ୍‌ଲେଟ୍ ବଣ୍ଟନ କରୁଛନ୍ତି।

ଟିହିଡ଼ି,୨୭।୫(ସଞ୍ଜିତ ବଳ)

ଆସନ୍ତା ଜୁନ୍ ୧ରେ ସାଧାରଣ ନିର୍ବାଚନ। ଏଥିପାଇଁ ଟିହିଡ଼ି ଥାନା ପୋଲିସ ପକ୍ଷରୁ ସୋମବାର ଭୋଟରମାନଙ୍କୁ ସଚେତନତା ବାର୍ତ୍ତା ଲିଫ୍‌ଲେଟ୍ ବଣ୍ଟନ କରାଯାଇଛି। ଆଇଆଇସି ପ୍ରସନ୍ନ କୁମାର ନାୟକ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଟିହିଡ଼ି ବଜାର ସମେତ ବିଭିନ୍ନ ସ୍ଥାନରେ ଏହି ଲିଫ୍‌ଲେଟ ବଣ୍ଟନ କରିଛନ୍ତି। ଭୋଟ ଦେବାକୁ ଯିବା ବେଳେ ସାଙ୍ଗରେ ବୈଧ ପରିଚୟପତ୍ର ନେବା, ମତଦାନ ପାଇଁ ଅପେକ୍ଷା କରିବା ସମୟରେ ଶୃଙ୍ଖଳିତ ରହିବା, ମତଦାନକୁ ଗୋପନୀୟ ଓ ସ୍ୱାଧୀନ ରଖିବା, ନିୟମ ମାନିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେବା ଓ ଅନିୟମିତତା କିମ୍ବା ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିଲେ ୧୧୨କୁ କଲ୍ କରି ରିପୋର୍ଟ ଦେବା ଆଦି ସଚେତନତା ବାର୍ତ୍ତାରେ ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ମତଦାନ କେନ୍ଦ୍ରକୁ ମୋବାଇଲ ନ ନେବା, ବୁଥ୍ ସାମ୍ନାରେ ରାଜନୈତିକ ପ୍ରଚାର କିମ୍ବା ଆଲୋଚନା ନ କରିବା ସହ ୨ଶହ ମିଟର ଦୂରତା ମଧ୍ୟରେ ଭିଡ଼ ନ ଜମାଇବା, ଅନ୍ୟମାନଙ୍କୁ ଭୟଭୀତ ନ କରିବା, ଅନ୍ୟମାନଙ୍କ ମତଦାନ ଦେଖିବାକୁ ଉଦ୍ୟମ ନ କରିବା, ନିଜ ଭୋଟ ସେୟାର ନ କରିବା ଆଦି ନେଇ ପୋଲିସ ପକ୍ଷରୁ ସଚେତନ କରାଯାଇଛି।

### ରାଇସ୍ ମିଲ୍ ଘେରିଲେ ଲୋକେ

ପାଟଣା,୨୭।୫(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମରେ ଥିବା ନାରାୟଣୀ ରାଇସ୍ ମିଲକୁ ସ୍ଥାନୀୟ ଲୋକେ ଘେରିଛନ୍ତି। ମିଲ୍‌ର ମଇଳା ପାଣି ବାଡ଼ିବଗିଚା, କ୍ଷେତରେ ମାଡୁଥିବାରୁ ବହୁ କ୍ଷତି ସହିବାକୁ ପଡୁଛି। ରୋଗଗ୍ରସ୍ତ ହେଉଥିବା ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ଆଗାମୀ ଦିନରେ ସମସ୍ୟା ସମାଧାନ କରା ନ ଗଲେ ରାଇସ୍ ମିଲ୍ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଉତ୍ତ୍ୟକ୍ତ ଲୋକେ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ରାତିରେ ଗାଁକୁ ରାଇସ୍ ମିଲ୍‌ର ଦୂଷିତ ପାଣି ଛଡ଼ାଯାଉଛି। ଏଥିରୁ ନିର୍ଗତ ବର୍ଜ୍ୟ ଓ ଦୂଷିତ ପାଣି ବିଲବାଡି, କାଜୁବଗିଚା, ପୁଷ୍କରିଣୀ ଓ ବସତି ଆଡ଼କୁ ମାଡ଼ିଯିବାରୁ ଉକ୍ତ ପାଣି ପିଇ ୩୦ରୁ ଊର୍ଦ୍ଧ୍ୱ ଗୋରୁ, ଛେଳିଙ୍କ ମୃତ୍ୟୁ ଘଟିଛି। କ୍ଷେତରେ ମାଡ଼ି ମଧ୍ୟ ଫସଲ ନଷ୍ଟ କରୁଛି। ପୋଖରୀରେ ପଶି ମାଛ ମରିଯାଉଥିବା ଦର୍ଶାଯାଇଛି।

## କୃଷକଙ୍କ ପାଇଁ ମୋଦି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ



ଚାନ୍ଦବାଲି,୨୭।୫(କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସିସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଭାଜପା ପକ୍ଷରୁ ସୋମବାର କୃଷକଙ୍କ ପାଇଁ ମୋଦି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ମନୋଜ ଭଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଓ କେନ୍ଦ୍ରୀୟ କୃଷକ ମୋର୍ଚ୍ଚା ସମ୍ପାଦକ ବଂଶୀଲାଲ ଗୁଜ୍ଜର ଯୋଗଦେଇ ରାଜ୍ୟରେ ବିଜେଡି ସରକାରର କୃଷକ ମାରଣ ନୀତି ଉପରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକଙ୍କ ଉନ୍ନତି ପାଇଁ ୧୦ ବର୍ଷ ଭିତରେ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସେ ଆଲୋକପାତ କରିଥିଲେ। ରାଜ୍ୟରେ ଭାଜପା ସରକାର ଆଣିବାକୁ ଦୁଇଟି ପଦ୍ମ ଚିହ୍ନରେ ଭୋଟ ଦେବାକୁ କହିଥିଲେ। ସେହିପରି ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ କୃଷକମାନଙ୍କ ପାଇଁ ମୋଦି ଦେଇଥିବା ଗ୍ୟାରେଣ୍ଟି ସମ୍ପର୍କରେ ଉପସ୍ଥିତ ଶତାଧିକ କୃଷକଙ୍କୁ ଅବଗତ କରାଇଥିଲେ। କୃଷକ ନେତା ତଥା ଏନ୍‌ଏସି କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଣି, ଶଙ୍କର୍ଷଣ ଜେନା, ଦୁଃଶାସନ ଖଟୁଆ, ରବୀନ୍ଦ୍ର ରାଉତ, ଟୁନୁ ବାରିକ, ଫକୀର ସାମଲ, ଅଭିମନ୍ୟୁ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

### କମ ନମ୍ବର ରଖିବାରୁ ବିଷ ପିଇଲେ ଛାତ୍ରୀ

ହାଟଡିହୀ,୨୭।୫(ଶୁଭକାନ୍ତ ନାୟକ)

ମାଟ୍ରିକ ପରୀକ୍ଷାରେ କମ ନମ୍ବର ରଖିବାରୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଅଞ୍ଚଳରେ ଜଣେ ଛାତ୍ରୀ ସୋମବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପରେ ଛାତ୍ରୀ ଜଣକ ଆଶା ଅନୁସାରେ ନମ୍ବର ରଖି ନ ଥିବାରୁ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଶେଷରେ ଘରେ ଥିବା ମୂଷା ବିଷ ଖାଇଦେଇଥିଲେ। ପରିବାର ଲୋକେ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।




## ଦେହରେ ବିଦ୍ୟୁତ୍ ତାର ଗୁଡ଼ାଇ ଦମ୍ପତିଙ୍କ ମୃତ୍ୟୁ ଘଟଣା

# ତଦନ୍ତ ଆରମ୍ଭ କଲା ସାଇଣ୍ଟିଫିକ୍ ଟିମ୍

ସିମୁଳିଆ, ୨୭।୫(ସନ୍ତୋଷ ନାୟକ)

### କରଜ ଟଙ୍କାକୁ ନେଇ ଆତ୍ମହତ୍ୟା ସନ୍ଦେହ

ବାଲେଶ୍ୱର ଜିଲା ସିମୁଳିଆ ଥାନା ପୁରୁଷୋତ୍ତମପୁର ପଞ୍ଚାୟତ ଅଧୀନ ପାର୍ବତୀପୁର ଗାଁରେ ଏକ ଦମ୍ପତି ସସ୍ମିତା ମହାକୁଡ଼(୨୬) ଓ ମନୋଜ ମହାକୁଡ଼(୩୨) ଶୋଇବା ଘରେ ନିଜ ଦେହରେ ବିଦ୍ୟୁତ୍ ତାର ଗୁଡାଇ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଗୁରୁବାର ପୂର୍ବାହ୍ନରେ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ସିମୁଳିଆ ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ, ଏଏସ୍‌ଆଇ ଅଶୋକ କୁମାର ବେହେରା, ଇନ୍ସପେକ୍ଟର ସରୋଜ କୁମାର ଦାଶଙ୍କ ସମେତ ଅତିରିକ୍ତ ତହସିଲଦାର ହରନାରାୟଣ ଦାଶ ଘଟଣାସ୍ଥଳରେ ଥିଲେ।



ସୋର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅଶୋକ କୁମାର ମଲିକ, ବାଲିଖଣ୍ଡ ଜେଇ ନିରଞ୍ଜନ ପୃଷ୍ଟି, ବାଲେଶ୍ୱର ଜିଲାର ଅତିରିକ୍ତ ବିଦ୍ୟୁତ ପର୍ଯ୍ୟବେକ୍ଷକ ସୂର୍ଯ୍ୟମଣି ସାହୁ ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ତେବେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବାରୁ ବିଭାଗୀୟ ବିଦ୍ୟୁତ ଆଘାତରେ ମୃତ୍ୟୁ କାରଣକୁ ନେଇ ସିମୁଳିଆ ବିଦ୍ୟୁତ ଉପଖଣ୍ଡ ଅଧିକାରୀ ପ୍ରତାପ କୁମାର ବେହେରା, ପକ୍ଷରୁ ଆଇନତଃ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଏସ୍‌ଡିଓ ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି। ସେହିପରି ମୃତ ମନୋଜଙ୍କ ବଡ଼ଭାଇ ବିଶ୍ୱଜିତ୍‌ଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ଆତ୍ମହତ୍ୟା ମାମଲା (ନଂ.୧୪/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ପରେ ଯାଜପୁର ସ୍ୱର୍ଗଦ୍ୱାରରେ ଉଭୟ ଦମ୍ପତିଙ୍କ ଶବ ସତ୍କାର କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ କହାଯାଇଛି।

ସୂଚନା ଯେ, ମୃତ ମନୋଜ ଝାରସୁଗୁଡ଼ାରେ ଥିବା ଆଦିତ୍ୟ ବିର୍ଲା କମ୍ପାନୀରେ ଟେମ୍ପରାରୀ ଲୋକପାଇଲଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୫ମାସ ପୂର୍ବେ ମନୋଜ ବାସୁଦେବପୁର ଅଞ୍ଚଳର ସସ୍ମିତାଙ୍କୁ ପ୍ରେମବିବାହ କରିଥିଲେ। ଗାଁରେ ତାଙ୍କ ସ୍ତ୍ରୀ ରହୁଥିବା ବେଳେ ସେ ଗତ ରବିବାର ଅପରାହ୍ନ ଗୋଟାଏରେ ଘରେ ପହଞ୍ଚିଥିଲେ। ତାଙ୍କ ପତ୍ନୀ ସସ୍ମିତା ଭଦ୍ରକ ଜିଲା ଏରଡ଼ା ଅଞ୍ଚଳର ନିଜର ଭଉଣୀ ଭିଣୋଇଙ୍କୁ ସେମାନେ ଆତ୍ମହତ୍ୟା କରିବା ସିଦ୍ଧାନ୍ତ ସମ୍ପର୍କରେ ସୂଚନା ଦେଇଥିଲେ। ଅପରାହ୍ନ ୩ଟାରେ ନିଜ ଶୋଇବା ଘର ଚଟାଣରେ ପାଣି ଢାଳି, ଦେହରେ ବିଦ୍ୟୁତ ତାର ଗୁଡ଼ାଇ ଆତ୍ମହତ୍ୟା କରିଥିଲେ ହେଁ ପରିବାର ଲୋକେ ସୁରାକ ପାଇ ନ ଥିଲେ। ପରେ କବାଟ ତାଡ଼ିବାରୁ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ପରିବାର ମଧ୍ୟରେ ସେମିତି କିଛି କାରଣ ନ ଥିବା ତାଙ୍କ ବଡ଼ଭାଇ ବିଶ୍ୱଜିତ୍ କହୁଥିବା ବେଳେ ନିଜ ବିବାହ ପାଇଁ ସେ କରିଥିବା ଟଙ୍କା କରଜକୁ ନେଇ ସୃଷ୍ଟି ହୋଇଥିବା ବିବାଦ ତାଙ୍କ ମୃତ୍ୟୁର କାରଣ ବୋଲି ସ୍ଥାନୀୟ ଲୋକଙ୍କ ନିକଟରୁ ସୂଚନା ମିଳିଛି।

**ଅବକାରୀ ଚଢ଼ାଉ, ୨ ଗିରଫ**

ବେତନଟୀ,(ଧରଣୀଧର ମହାନ୍ତି): ବାରିପଦା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ସୋମବାର ବେତନଟୀ ଅବକାରୀ ଟିମ୍ ବେତନଟୀ ଜାତୀୟ ରାଜପଥ ପାର୍ଶ୍ୱରେ କେତେକ ଢାବା ଓ ହୋଟେଲରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ବେତନଟୀଠାରେ ଥିବା ଏକ ହୋଟେଲରେ ବିଦେଶୀ ମଦ ବିକ୍ରି ଅଭିଯୋଗରେ ପୁରୁଷୋତ୍ତମ ମହାନ୍ତ(୩୫)କୁ ଗିରଫ କରିଛି। ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆରେ ଥିବା ଏକ ଢ଼ାବାରେ ବିଦେଶୀ ମଦ ବିକ୍ରି ହେଉଥିବା ଜାଣି ବିଭାଗ ଚଢ଼ାଉ କରି ସର୍ବଣା ଗ୍ରାମର ଅଭୟ ଦାସ (୪୮)ଙ୍କୁ ଗିରଫ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ଯୁକ୍ତ ୩ ପରୀକ୍ଷା ଫଳ ଆଜି

ବାଲେଶ୍ୱର, ୨୭।୫(ମାନସ ବିଶ୍ୱାଳ)–ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ମହାବିଦ୍ୟାଳୟ ଗୁଡ଼ିକର ଷଷ୍ଠ ସେମିଷ୍ଟାରର (ରେଗୁଲାର ଓ ବ୍ୟାକ) ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶିତ ହେବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷା ଫଳାଫଳ ଅପରାହ୍ଣ ୩ଟାରେ ୱେବସାଇଟ– www.orissaresult.nic.in ରେ ଉପଲବ୍ଧ ହେବା ନେଇ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରଣ କେନ୍ଦ୍ର ତରଫରୁ ସୂଚନା ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରମାନେ ଉପରୋକ୍ତ ୱେବସାଇଟ୍‌କୁ ଯାଇ ନିଜ ରୋଲ ନମ୍ବର ସାହାଯ୍ୟରେ ପରୀକ୍ଷାଫଳ ଜାଣିପାରିବେ।

### ଟଙ୍କା ବ୍ୟାଗ ନେଇ ଦୁର୍ବୃତ୍ତ ଫେରାର, ଥାନାରେ ଅଭିଯୋଗ

କାଳିପଦା, ୨୭।୫(ରାଜଶ୍ରୀ ପାଣିଗ୍ରାହୀ)–ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତ ତାପୁଣ୍ଡିଆ ଗ୍ରାମର ରମେଶ ଚନ୍ଦ୍ର ସାହୁ ଏବଂ ତାଙ୍କ ସ୍ତ୍ରୀ କବିତା ସାହୁ ସୋମବାର ପୂର୍ବାହ୍ନରେ ଖପରାପଦା ବ୍ୟାଙ୍କରୁ ୯୮ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ଖପରାପଦା ବଜାରରେ ସାଇକେଲରେ ଟଙ୍କା ବ୍ୟାଗ୍ ରଖି ସଉଦା କରୁଥିବା ବେଳେ ୨ ଜଣ ବ୍ୟକ୍ତି ଆସି ବ୍ୟାଗ ନେଇଯାଇଥିଲେ। ଘର ଛାତ ପକାଇବା ପାଇଁ ସେ ବ୍ୟାଙ୍କରୁ ଟଙ୍କା ଉଠାଇଥିବାରୁ ସ୍ୱାମୀ ସ୍ତ୍ରୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଦମ୍ପତିଙ୍କ କହିବା ଅନୁଯାୟୀ ଜମି ବିକି ଘର କରିବା ପାଇଁ ରଖିଥିବା ଟଙ୍କା ବ୍ୟାଙ୍କରୁ ଉଠାଇବା ପରେ ଗଣିଥିଲେ। ସେଠାରେ ଦୁଇ ଜଣ ବ୍ୟକ୍ତି ତାଙ୍କ ପଛରେ ରହି ସାଇକେଲରୁ ଟଙ୍କା ବ୍ୟାଗ୍‌କୁ ନେଇଯାଇଥିଲେ ବୋଲି କହିଛନ୍ତି। ବ୍ୟାଙ୍କରେ ରହିଥିବା ସିସିଟିଭି କ୍ୟାମେରାରେ ସେହି ବ୍ୟକ୍ତିଜଣଙ୍କ ଫଟୋ ରହିଥିବା ସେମାନେ ସନ୍ଦେହ କରୁଛନ୍ତି। ଏନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି।

### ସୁରକ୍ଷା ବାଡ଼ରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ଢେଙ୍କିକୋଟ,୨୭।୫(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ଢେଙ୍କିକୋଟ ପଞ୍ଚାୟତ ଜାତୀୟ ରାଜପଥ ୨୨୦ ନଂ. କପାସପଡ଼ା ବୁଲାଣି ରାସ୍ତାରେ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ଥାନା ଅନ୍ତର୍ଗତ ଡିଆନାଳୀ ଗ୍ରାମର ବାଇଧର ମୁଣ୍ଡାଙ୍କ ପୁଅ ରଣଜିତ ମୁଣ୍ଡା (୩୨)। ସେ ବାଇକ ଯୋଗେ ଢେଙ୍କିକୋଟ ବଜାରରୁ ସଉଦା କରି ଫେରୁଥିଲେ। ଅପରାହ୍ଣ ସାଢେ ୫ ଟା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ ଲୁହା ସୁରକ୍ଷା ବାଡ଼ରେ ଧକ୍କା ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ଦୁର୍ଘଟଣାଗ୍ରସ୍ତ ନମ୍ବର ବିହୀନ ବାଇକ୍ ଜବତ କରି ତଦନ୍ତ କରୁଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ହେବା ନେଇ ବିଟ୍ ହାଉସ ଅଧିକାରୀ କହିଛନ୍ତି।

### ଔପଦା ବ୍ଲକ ବିଜେଡି ସଭାପତିଙ୍କୁ ବହିଷ୍କାର ପ୍ରତିବାଦ ପଞ୍ଚାୟତର ବିଭିନ୍ନ ସଦସ୍ୟଙ୍କ ଇସ୍ତଫା

ଔପଦା, ୨୭।୫(ଧରିତ୍ରୀ ପଣ୍ଡା)– ଔପଦା ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରଧାନଙ୍କୁ ବହିଷ୍କାର ପ୍ରତିବାଦରେ ବିଭିନ୍ନ ପଞ୍ଚାୟତର ପଦପଦବୀରେ ଥିବା ସଦସ୍ୟାସଦସ୍ୟ ଇସ୍ତଫା ଦେଇଛନ୍ତି। ଔପଦାରେ ଏକ ଖବରଦାତା ସମ୍ମିଳନୀ କରି ଇସ୍ତଫା ଦେଇଥିବା ବିଜେଡି ସଦସ୍ୟମାନେ କୌଣସି କାରଣ ନ ଥାଇ ଚକ୍ରାନ୍ତ କରାଯାଇ ବ୍ଲକ ବିଜେଡି ସଭାପତି ପ୍ରଧାନଙ୍କୁ ବିନା ସୂଚନାରେ ବହିଷ୍କାର କରାଯିବାରୁ ଆମେ ମର୍ମାହତ ହୋଇ ଇସ୍ତଫା ଦେଉଛୁ ବୋଲି ପ୍ରକାଶ କରିଥିଲେ। ରାଇରାମଚନ୍ଦ୍ରପୁର ସରପଞ୍ଚ ମନସ୍ୱିତା ପଣ୍ଡା, ତଳକିଆ ପଞ୍ଚାୟତ ବିଜେଡି ସଭାପତି ନରହରି ନାୟକ, ଗଡ଼ସାହି ପଞ୍ଚାୟତ ବିଜେଡି ସଭାପତି ପୁରସ୍ତମ୍ ପଣ୍ଡା, ୱାର୍ଡସଭ୍ୟା ସୁକାନ୍ତି ବେହେରା, ଅଘିରାପଦା ପଞ୍ଚାୟତ ବିଜେଡି ସଭାପତି ଶଶିକାନ୍ତ ବେହେରା, ଛାତ୍ରନେତା ରଜନୀ ଦାଶ, ସଭ୍ୟ କିଶୋର ଚନ୍ଦ୍ର ପଣ୍ଡା ସାମିଲ ଥିଲେ।

# ନାରାୟଣୀ ରାଇସ୍ ମିଲ୍ ଘେରିଲେ ଲୋକେ

## କ୍ଷେତ, ପୋଖରୀରେ ମିଲ୍ ବର୍ଜ୍ୟଜଳ ମାଡୁଥିବା ଅଭିଯୋଗ

ପାଟଣା,୨୭।୫(ବୀରକିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମରେ ଥିବା ନାରାୟଣୀ ରାଇସ୍ ମିଲକୁ ସ୍ଥାନୀୟ ଲୋକେ ଘେରିଛନ୍ତି। ମିଲ୍‌ର ମଇଳା ପାଣି ବାଡ଼ିବଗିଚା, କ୍ଷେତରେ ମାଡୁଥିବାରୁ ବହୁ କ୍ଷତି ସହିବାକୁ ପଡୁଛି। ରୋଗଗ୍ରସ୍ତ ହେଉଥିବା ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ଆଗାମୀ ଦିନରେ ସମସ୍ୟା ସମାଧାନ କରା ନ ଗଲେ ରାଇସ୍ ମିଲ୍ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଉତ୍ତ୍ୟକ୍ତ ଲୋକେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାତିରେ ଗାଁକୁ ରାଇସ୍ ମିଲ୍‌ର ଦୂଷିତ ପାଣି ଛଡ଼ାଯାଉଛି। ଏଥିରୁ ନିର୍ଗତ ବର୍ଜ୍ୟ ଓ ଦୂଷିତ ପାଣି ବିଲବାଡି, କାଜୁବଗିଚା, ପୁଷ୍କରିଣୀ ଓ ବସତି ଆଡ଼କୁ ମାଡ଼ିଯିବାରୁ ଉକ୍ତ ପାଣି ପିଇ ୩୦ରୁ ଊର୍ଦ୍ଧ୍ୱ ଗୋରୁ, ଛେଳିଙ୍କର ମୃତ୍ୟୁ ଘଟିଛି। କ୍ଷେତରେ ମାଡ଼ି ମଧ୍ୟ ଫସଲ ନଷ୍ଟ କରୁଛି। ପୋଖରୀରେ ପଶି ମାଛ ମରିଯାଉଥିବା ରମେଶ ମହାନ୍ତ କହିଛନ୍ତି। ପଚା କଳାପାଣି ପଶି ଧାନ ଚାଷ ଓ କାଜୁ ଗଛ ଶୁଖିଯାଉଛି ବୋଲି ଡିଆନାଳୀ ଗ୍ରାମର କୁନି ମୁଣ୍ଡା କହିଛନ୍ତି। ଏ ନେଇ କୁନିଙ୍କ ସମେତ ଗ୍ରାମବାସୀ ପାଟଣା ଥାନା, ଆର୍‌ଆଇ ଓ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଥିଲେ ହେଁ ନ୍ୟାୟ ପାଇନାହାନ୍ତି। ଫଳରେ ବାଧହୋଇ ସୋମବାର କୁଆପସି, ମଙ୍ଗଳପୁର ଓ ଡିଆନାଳୀ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ମିଲ୍ ବନ୍ଦ ଦାବିରେ ଘେରାଉକରି ଫାଟକ ସମ୍ମୁଖରେ ନାରାବାଜି କରିଥିଲେ। ମିଲ୍ ମ୍ୟାନେଜର ଭୟଭୀତ ହୋଇ ସିକ୍ୟୁରିଟି ଗାର୍ଡଙ୍କ ଦ୍ୱାରା ମୁଖ୍ୟ ଫାଟକରେ ଚାବି ପକାଇ ଭିତରେ ରହିଥିଲେ। ଗହମୀ ମହାକୁଡ଼ ନାମ୍ନୀ ବୃଦ୍ଧାଙ୍କ ଅଢ଼େଇ ଏକର ପରିମିତ ଜମିକୁ ରାଇସ୍ ମିଲ୍ ମାଲିକ ଚଞ୍ଚକତାକରି ହାତେଇଥିବା ଅଭିଯୋଗ କରିଛନ୍ତି। ଏଥିସହ ଗୋଚର ଜମିରେ ଜବରଦଖଲକରି ଫ୍ୟାକ୍ଟ୍ରିକୁ ରାସ୍ତା କରାଯାଇଥିବା ଗହମୀ କହିଛନ୍ତି। ଫ୍ୟାକ୍ଟ୍ରି ଆରମ୍ଭରେ ବର୍ଜ୍ୟପାଣି ହତା ମଧ୍ୟରେ ରଖିବେ, ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଭିତ୍ତିରେ ଚାକିରି ଦେବେ ବୋଲି ମିଲ୍ ମାଲିକ ପ୍ରତିଶ୍ରୁତି ଦେଇଥିଲେ। ଏବେ ସ୍ଥାନୀୟ ଲୋକଙ୍କୁ ଚାକିରିରୁ ବାହାର କରିଦେଇ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ମିଳୁଛି ବୋଲି ସ୍ଥାନୀୟ ୱାର୍ଡମେମ୍ବର ଚୁନୁ ମହାନ୍ତ କହିଛନ୍ତି। ରାଇସ୍ ମିଲ୍‌ର ମ୍ୟାନେଜର କେଶବ ସ୍ୱାଇଁଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ସିକ୍ୟୁରିଟି ଗାର୍ଡଙ୍କ ମାଧ୍ୟମରେ ରିପୋର୍ଟରମାନେ ଅପେକ୍ଷା କରନ୍ତୁ ବୋଲି କହିଥିଲେ। ପରେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। କେନ୍ଦୁଝର ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ରିଜିଓନାଲ ଅଫିସର ପ୍ରଶାନ୍ତ କର କହିଛନ୍ତି, ପ୍ଲାଣ୍ଟ ଭିତରର ବର୍ଜ୍ୟ ବାହାରେ ପକାଇବା ବେଆଇନ। ଏଭଳିକି ଟ୍ରିଟମେଣ୍ଟ ୱାଟର ମଧ୍ୟ ପ୍ଲାଣ୍ଟ ବାହାରେ ନ ପକାଇବାକୁ ନିୟମ ରହିଛି। ଯଦି ଏସବୁ ଉଲ୍ଲଂଘନ ହୋଇଛି, ୨ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଯୁକ୍ତ ୨ ବିଜ୍ଞାନ ଓ କଳାରେ ନିଷ୍ଟର ବଡ଼ ସଫଳତା



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ବାଲେଶ୍ୱର,୨୭।୫(ମାନସ ବିଶ୍ୱାଳ)

**ମାଟ୍ରିକ୍‌ରେ ୮୦% ରଖିଥିବା ଛାତ୍ରୀଛାତ୍ର ଯୁକ୍ତ ୨ରେ ରଖିଲେ ୯୩%**

ଉତ୍ତର ଓଡ଼ିଶାର ବାଲେଶ୍ୱର ନିଷ୍ଟ ହାୟର ସେକେଣ୍ଡାରୀ ସ୍କୁଲକୁ ଚଳିତବର୍ଷ ମିଳିଛି ବଡ଼ ସଫଳତା। ବାଲେଶ୍ୱର ଚାନ୍ଦିପୁର ରୋଡ୍‌ର ହିଡ଼ିଗାଁ ନିକଟରେ ଅବସ୍ଥିତ ନିଷ୍ଟ +୨ ବିଜ୍ଞାନ କଲେଜର ଛାତ୍ରୀଛାତ୍ର ବାଜିମାତ୍ କରିଛନ୍ତି। ଦୀର୍ଘ ୩୦ବର୍ଷ ଧରି ସର୍ବଭାରତୀୟ ସ୍ତରରେ ଇଞ୍ଜିନିୟରିଂ, ମେଡିକାଲରେ ବାଲେଶ୍ୱରକୁ ସଫଳତା ଦେଇଥିବା ଅଭିଜ୍ଞ ଅଧ୍ୟାପକମାନଙ୍କ ଦ୍ୱାରା ପ୍ରତିଷ୍ଠିତ ନିଷ୍ଟ ମହାବିଦ୍ୟାଳୟରେ ପିଲାମାନେ ମାଟ୍ରିକ୍‌ରେ ୮୩% ରଖିଥିବା ବେଳେ +୨ ବିଜ୍ଞାନରେ ୯୩% ରଖି ଏକ ବଡ଼ ସଫଳତା ମିଳିଛି। ଆଗାମୀ ଦିନରେ ଉକ୍ତ ଛାତ୍ରୀଛାତ୍ରମାନେ ଡାକ୍ତର ହୋଇ ଜିଲାରେ ଗରିବ ଲୋକଙ୍କ ସେବା କରିବେ ବୋଲି କହିଥିଲେ। ଅନୁଷ୍ଠାନ ତରଫରୁ ଛାତ୍ରୀଛାତ୍ରମାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାକୁ କଲେଜ ଅଧ୍ୟକ୍ଷ ହରିହର ରାଉତ ପରିଚାଳନା କରିଥିଲେ।

ବିଶେଷ କରି ଛାତ୍ର ଆଲୋକ ବାରିକ ମାଟ୍ରିକ୍‌ରେ ୫୦୧ ରଖିଥିଲା ବେଳେ +୨ ବିଜ୍ଞାନରେ ୫୫୭ ମାର୍କ ଓ ନିହାର ରଞ୍ଜନ ବାରିକ ମାଟ୍ରିକ୍‌ରେ ୫୧୭ ରଖିଥିଲା ବେଳେ +୨ ବିଜ୍ଞାନରେ ୫୫୪ ରଖିଛନ୍ତି। ସେହିପରି ଛାତ୍ରୀ ରଶ୍ମିତା ଦ୍ୱାରୀ ୫୫୬ ମାର୍କ ରଖିଛନ୍ତି। ସବୁଠାରୁ ବଡ଼ ସଫଳତା ହେଲା ମହାପ୍ରସାଦ ମିଶ୍ର ମାଟ୍ରିକ୍‌ରେ ୨୬୩ ରଖିଥିଲା ବେଳେ +୨ ବିଜ୍ଞାନରେ ୪୫୬ ମାର୍କ ରଖିଛନ୍ତି। ଯାହାକି ମାଟ୍ରିକ ମାର୍କଠାରୁ ୧୯୨ ମାର୍କ ଅଧିକ ରହିଛି। ଏମିତି ବହୁ ଛାତ୍ରୀଛାତ୍ର ମାଟ୍ରିକଠାରୁ ଅଧିକ ମାର୍କ ରଖିଛନ୍ତି। ଅନ୍ୟପକ୍ଷରେ +୨ କଳାରେ ୨୬ ଜଣ ପ୍ରଥମ ଶ୍ରେଣୀରେ ଉନ୍ନୀତ ହୋଇଥିବା ବେଳେ ମିନାକ୍ଷୀ ଦାସ ୫୧୫ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। +୨ ବିଜ୍ଞାନରେ ୩୬୦ଜଣ ପ୍ରଥମ ଶ୍ରେଣୀରେ ଉନ୍ନୀତ ହୋଇଛନ୍ତି। ପ୍ରତ୍ୟେକ ବର୍ଷ ଏହି ମହାବିଦ୍ୟାଳୟରୁ ମେଡିକାଲ ଓ ଇଞ୍ଜିନିୟରିଂରେ ବହୁତ ସଫଳତା ମିଳୁଛି। ଏକମାତ୍ର ଅନୁଷ୍ଠାନ ଯିଏକି ମାର୍କ ପଛରେ ନ ପଡ଼ି ପିଲାମାନଙ୍କୁ ସର୍ବଭାରତୀୟ ସ୍ତରରେ ହେଉଥିବା ପ୍ରତିଯୋଗିତାରେ ସଫଳତା ହାସଲ ପାଇଁ ପ୍ରଥମରୁ ଇଣ୍ଟିଗ୍ରେଟେଡ଼ ଶିକ୍ଷା ପ୍ରଦାନ କରାଯାଏ। କାର୍ଯ୍ୟକ୍ରମକୁ ସଦାଶିବ ଜେନା, ଅଜିତ କୁମାର ସାହୁ ଓ ମନୋଜ କୁମାର ପ୍ରଧାନ ପରିଚାଳନା କରିଥିଲେ।

### କମ ନମ୍ବର ରଖିବାରୁ ବିଷ ପିଇଲେ ଛାତ୍ରୀ

ହାଟଡିହୀ,୨୭।୫(ଶୁଭକାନ୍ତ ନାୟକ): ମାଟ୍ରିକ ପରୀକ୍ଷାରେ କମ ନମ୍ବର ରଖିବାରୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଅଞ୍ଚଳରେ ଜଣେ ଛାତ୍ରୀ ସୋମବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପରେ ଛାତ୍ରୀ ଜଣକ ଆଶା ଅନୁସାରେ ନମ୍ବର ରଖି ନ ଥିବାରୁ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଶେଷରେ ଘରେ ଥିବା ମୂଷା ବିଷ ଖାଇଦେଇଥିଲେ। ପରିବାର ଲୋକେ ପ୍ରଥମେ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଆନନ୍ଦପୁର ଉପଖଣ୍ଡ ମେଡିକାଲ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି।

### ମାଟ୍ରିକ ପରୀକ୍ଷାରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ସଫଳତା

କେନ୍ଦୁଝର,୨୭।୫(ନରେଶ ଚନ୍ଦ୍ର ପଟ୍ଟନାୟକ): ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଅନୁଦାନପ୍ରାପ୍ତ ଓ ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ସିଦ୍ଧମଠସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ସମୁଦାୟ ୨ ଛାତ୍ରୀ ଓ ୩ ଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩ ଜଣ ସି ଗ୍ରେଡ ଓ ୨ ଜଣ ଡି ଗ୍ରେଡ ପାଇଛନ୍ତି। ସେମାନେ ହେଲେ ଯୋଗେନ୍ଦ୍ର ମହାନ୍ତ, ନନ୍ଦିନୀ ସିଂହ, ପ୍ରଧାନ ମୁଣ୍ଡା, ଗାୟତ୍ରୀ ଜେନା ଓ ଅଭୟ ନାୟକ। ଏ ନେଇ ପ୍ରଧାନଶିକ୍ଷକ ମନୋଜ କୁମାର ରଥ ସେମାନଙ୍କୁ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଆନ୍ତରିକ ପ୍ରଚେଷ୍ଟା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# କାନପୁର ପ୍ରକଳ୍ପରୁ ଟ୍ରକ୍, ମେଶିନ କାଟି ଚୋରାଚାଲାଣ

ଯୋଡା,୨୭।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଡରାଠାରେ ଚାଲିଥିବା କାନପୁର ବୃହତ ଜଳସେଚନ ପ୍ରକଳ୍ପର ଏକ ଠିକା ସଂସ୍ଥା କ୍ୟାମ୍ପରୁ ଟ୍ରକ୍, ବଡ ବଡ ମେଶିନ, କ୍ରେନ ଯନ୍ତ୍ରପାତି କାଟି ଝାଡ଼ଖଣ୍ଡ ରାଜ୍ୟକୁ ଚୋରାଚାଲାଣ ହେଉଛି। ଏହା କିଛି ଦିନ ହେବ ଚାଲିଥିବା ଜଣାପଡ଼ିଛି। ମାତ୍ର ଏ ନେଇ ପରିବହନ ବିଭାଗରୁ ଅନୁମତିନିଆ ଯାଇଛିକି ନାହିଁ, ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଉକ୍ତ କାନପୁର ପ୍ରକଳ୍ପରେ ଠିକାସଂସ୍ଥା ଭାବେ ହାଇଦ୍ରାବାଦର ଏସ୍‌ଇଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍ଟର ଲିମିଟେଡ୍ ନାମକ ସଂସ୍ଥା ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଛି। ମାତ୍ର ୨ରୁ ୩ବର୍ଷ ହେବ ଠିକା ସଂସ୍ଥାର କାର୍ଯ୍ୟ ବନ୍ଦ ରହିଛି। ସଂସ୍ଥାର ବହୁ ହାଇୱା ଟ୍ରକ, ଡମ୍ପର, ଲୋଡର ପୋକଲିନ, ଜେସିବି, ଟାୱାର କ୍ରେନ, ଟ୍ରାକ୍ଟର, ଡମ୍ପର ଆଦି ମେଶିନଗୁଡ଼ିକ ସେଠାରେ ରଖାଯାଇଥିଲା। ବର୍ତ୍ତମାନ କିଛି ଦିନ ହେବ ଗାଡ଼ି ଓ ମେଶିନଗୁଡ଼ିକୁ କାଟି ଲୁହା ସ୍କ୍ରାପ ଦରରେ ଝାଡ଼ଖଣ୍ଡରେ ବିକ୍ରି କରାଯାଉଛି। ଗତ ୧୦ଦିନ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ଟ୍ରକ୍ ଓ ମେଶିନ କାଟି ଚୋରାଚାଲାଣ କରାଯାଇଥିବା ଜଣାପଡ଼ିଛି। ଏହି କାରବାରରେ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣେ ଅଧିକାରୀ ନିଜର ବକେୟା ଟଙ୍କା ନ ପାଇ ଏହା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏତେ ସଂଖ୍ୟକ ଗାଡ଼ି ଓ ମେଶିନକୁ କଟା ଯାଇ ସ୍କ୍ରାପ ଭାବେ ବିକ୍ରି କରାଯାଉଥିବାରୁ ପରିବହନ ବିଭାଗରୁ ଅନୁମତି ଆବଶ୍ୟକ। ଏଠାରେ ତାହା ମିଳିଛିକି ନାହିଁ, ଏହା ସାଧାରଣରେ ସନ୍ଦେହ ଉପୁଜିଛି। ଅଧିକାରୀ ଜଣଙ୍କ ଉକ୍ତ ଠିକା ସଂସ୍ଥାରେ ପେଟି ଠିକାଦାର ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ବକେୟା ପ୍ରାପ୍ୟ ନ ପାଇବାରୁ ଏହି ଚୋରା କାରବାର ଅନାୟସରେ କରୁଥିବା କୁହାଯାଉଛି। ଅନ୍ୟପକ୍ଷରେ ଏହି ଠିକା ସଂସ୍ଥାରେ କାର୍ଯ୍ୟରତ ଅନ୍ୟ କିଛି ପେଟି ଠିକାଦାରମାନେ ମଧ୍ୟ ବକେୟା ଟଙ୍କା ପାଇ ନ ଥିବା ଜଣାପଡ଼ିଛି। ଏ ନେଇ ବିଲେଇପଦା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ କହିଛନ୍ତି, ଠିକାସଂସ୍ଥାର ଜାଣତରେ ଏହି କାର୍ଯ୍ୟ କରାଯାଉଛି। ଠିକା ସଂସ୍ଥାରେ ପ୍ରାୟ ୨୦ଲକ୍ଷ ଟଙ୍କା ବକେୟା ଥିବାରୁ ସେ ଗାଡ଼ି ମେଶିନକୁ କାଟି ସ୍କ୍ରାପ ଦରରେ ବିକ୍ରି କରୁଛନ୍ତି। ଜିଏସ୍‌ଟି ବିଭାଗ ଜାଣି ଜରିମାନା ଅର୍ଥ ଆଦାୟ କରିଥିବା ବେଳେ ପରିବହନ ବିଭାଗ ଏହାର ଅନୁମତି ଦେଇଛି କି ନାହିଁ, ଏ ବିଷୟରେ ଜାଣି ନ ଥିବା ପ୍ରକାଶ କରିଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ବଡବିଲ,୨୭।୫(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ବଡବିଲ ଭଦ୍ରାସାହି ରାଜ୍ୟ ରାଜପଥର ଭାରିଯାନ ପାର୍କିଂ ନିକଟରେ ରବିବାର ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡବିଲ ଷ୍ଟେସନ ରୋଡ ଅଞ୍ଚଳର ମାସ୍ ସାଣ୍ଡିଲ। ତେବେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

**ଦେହରେ ବିଦ୍ୟୁତ୍ ତାର ଗୁଡାଇ ଦମ୍ପତିଙ୍କ ମୃତ୍ୟୁ ଘଟଣା**

# ତଦନ୍ତ ଆରମ୍ଭ କଲା ସାଇଣ୍ଟିଫିକ୍ ଟିମ୍

## କରଜ ଟଙ୍କାକୁ ନେଇ ଆତ୍ମହତ୍ୟା ସନ୍ଦେହ

ସିମୁଳିଆ, ୨୭।୫(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ପାର୍ବତୀପୁର ଗାଁରେ ଏକ ଦମ୍ପତି ସସ୍ମିତା ମହାକୁଡ଼ ଓ ମନୋଜ ମହାକୁଡ଼ ଶୋଇବା ଘରେ ନିଜ ଦେହରେ ବିଦ୍ୟୁତ୍ ତାର ଗୁଡାଇ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଗୁରୁବାର ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ସିମୁଳିଆ ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ, ଏଏସ୍‌ଆଇ ଅଶୋକ କୁମାର ବେହେରା, ଇନ୍ସପେକ୍ଟର ସରୋଜ କୁମାର ଦାଶଙ୍କ ସମେତ ଅତିରିକ୍ତ ତହସିଲଦାର ହରନାରାୟଣ ଦାଶ ଘଟଣାସ୍ଥଳରେ ଥିଲେ। ବିଦ୍ୟୁତ ଆଘାତରେ ମୃତ୍ୟୁ କାରଣକୁ ନେଇ ବିଦ୍ୟୁତ୍ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବାରୁ ବିଭାଗୀୟ ପକ୍ଷରୁ ଆଇନତଃ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଏସ୍‌ଡିଓ ପ୍ରତାପ କୁମାର ବେହେରା ସୂଚନା ଦେଇଛନ୍ତି। ସେହିପରି ମୃତ ମନୋଜଙ୍କ ବଡ଼ଭାଇ ବିଶ୍ୱଜିତ୍‌ଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ଆତ୍ମହତ୍ୟା ମାମଲା (ନଂ.୧୪/୨୪) ରୁଜୁ କରି



ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ପରେ ଯାଜପୁର ସ୍ୱର୍ଗଦ୍ୱାରରେ ଉଭୟ ଦମ୍ପତିଙ୍କ ଶବ ସତ୍କାର କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ କହାଯାଇଛି।

ସୂଚନା ଯେ, ମୃତ ମନୋଜ ଝାରସୁଗୁଡ଼ାରେ ଥିବା ଆଦିତ୍ୟ ବିର୍ଲା କମ୍ପାନୀରେ ଟେମ୍ପରାରୀ ଲୋକପାଇଲଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୫ମାସ ପୂର୍ବେ ମନୋଜ ବାସୁଦେବପୁର ଅଞ୍ଚଳର ସସ୍ମିତାଙ୍କୁ ପ୍ରେମବିବାହ କରିଥିଲେ। ଗାଁରେ ତାଙ୍କ ସ୍ତ୍ରୀ ରହୁଥିବା ବେଳେ ସେ ଗତ ରବିବାର ଅପରାହ୍ଣ ଗୋଟାଏରେ ଘରେ ପହଞ୍ଚିଥିଲେ। ତାଙ୍କ ପତ୍ନୀ ସସ୍ମିତା ଭଦ୍ରକ ଜିଲା ଏରଡ଼ା ଅଞ୍ଚଳର ନିଜର ଭଉଣୀ ଭିଣୋଇଙ୍କୁ ସେମାନେ ଆତ୍ମହତ୍ୟା କରିବା ସିଦ୍ଧାନ୍ତ ସମ୍ପର୍କରେ ସୂଚନା ଦେଇଥିଲେ। ଅପରାହ୍ଣ ୩ଟାରେ ନିଜ ଶୋଇବା ଘର ଚଟାଣରେ ପାଣି ଢାଳି, ଦେହରେ ବିଦ୍ୟୁତ ତାର ଗୁଡ଼ାଇ ଆତ୍ମହତ୍ୟା କରିଥିଲେ ହେଁ ପରିବାର ଲୋକେ ସୁରାକ ପାଇ ନ ଥିଲେ। ପରେ କବାଟ ତାଡ଼ିବାରୁ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ପରିବାର ମଧ୍ୟରେ ସେମିତି କିଛି କାରଣ ନ ଥିବା ତାଙ୍କ ବଡ଼ଭାଇ ବିଶ୍ୱଜିତ୍ କହୁଥିବା ବେଳେ ନିଜ ବିବାହ ପାଇଁ ସେ କରିଥିବା ଟଙ୍କା କରଜକୁ ନେଇ ସୃଷ୍ଟି ହୋଇଥିବା ବିବାଦ ତାଙ୍କ ମୃତ୍ୟୁର କାରଣ ବୋଲି ସ୍ଥାନୀୟ ଲୋକଙ୍କ ନିକଟରୁ ସୂଚନା ମିଳିଛି।

# ପିସିସି ଶିକ୍ଷାନୁଷ୍ଠାନର ଶତପ୍ରତିଶତ ସଫଳତା




ବାରିପଦା, ୨୭।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମାଟ୍ରିକ୍ ପରୀକ୍ଷାରେ ବାରିପଦାର ପିସିସି ଶିକ୍ଷାନୁଷ୍ଠାନ ଅଭୂତପୂର୍ବ ସଫଳତା ହାସଲ କରିଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଶତପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଦେବସ୍ମିତା ସି ସର୍ବାଧିକ ୫୫୨ ନମ୍ବର ରଖିଛନ୍ତି। ସେହିପରି ଦିବ୍ୟାଂଶୁ ଧଳ ୫୪୦, ଈଶ୍ୱର କୁମାର ସାହୁ ୫୩୧, ଅଭିଜିତ୍ ବେହେରା ୫୨୧, ପ୍ରୀତିସୁଧା ବେହେରା ୫୦୫, ବର୍ଷା ମହାପାତ୍ର ୪୯୧ ଏବଂ ଅଫସନା ପରବିନ ୪୮୩ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୪୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ୩୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୀର୍ଘ ୧୮ ବର୍ଷ ଧରି ଭଞ୍ଜମାଟିରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଆସୁଥିବା ଏହି ଅନୁଷ୍ଠାନ ଛାତ୍ରୀଛାତ୍ର ଓ ଅଭିଭାବକ ଙ୍କ ପାଇଁ ଭରସା ଓ ବିଶ୍ୱାସର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ସାଜିଛି। ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମୁଖ୍ୟ ପରିଚାଳକ ଦେବାଶିଷ ମୁଦୁଲି, ସିଇଓ ଚକ୍ରଧର ରାଉତ ଏବଂ ପ୍ରଧାନଶିକ୍ଷକ ସପନ ସାର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଷ୍ଠାନର ନିର୍ମାତା, ନିର୍ଦ୍ଦେଶକ ଡ.ପ୍ରଭଞ୍ଜନ ରାଉତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### କଣ୍ଟିପାଳ ଉଚ୍ଚ ବିଦ୍ୟାଳୟରେ ଇତିଶ୍ରୀ ଟପ୍ପର

ଆନନ୍ଦପୁର,୨୭।୫(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା କଣ୍ଟିପାଳ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଇତିଶ୍ରୀ ସାହୁ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଛନ୍ତି। ସେ ୬୦୦ ରୁ ୫୪୦ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ତାଙ୍କ ଘର ବିରିଡ଼ିହା ଗ୍ରାମରେ ହୋଇଥିବା ବେଳେ ଏହି ସଫଳତା ପାଇଁ ସେ ପିତାମାତା, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଇତିଶ୍ରୀ ଭବିଷ୍ୟତରେ ଭାରତୀୟ ସେନାରେ ଯୋଗଦେବାର ଲକ୍ଷ୍ୟ ରଖିଥିବା କହିଛନ୍ତି।

### ବଉଳା କଲେଜ ନିରୁପମା, ସଡ଼ଙ୍ଗ କଲେଜରେ ସୁମିତ୍ରା ଟପ୍ପର

**ଯୁକ୍ତ ୨ ପରୀକ୍ଷା ଫଳ**

ବଉଳା,୨୭।୫(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବଉଳା କଲେଜ ସୋସୋର ନିରୁପମା ସୁତାର ୪୦୫ ନମ୍ବର ଓ ସଡଙ୍ଗ କଲେଜର ସୁମିତ୍ରା ବେହେରା ୪୪୪ ନମ୍ବର ରଖି ଯୁକ୍ତ ୨ ପରୀକ୍ଷାରେ କଲେଜ ଟପ୍ପର ହୋଇଛନ୍ତି। ବଉଳା କଲେଜ ସୋସୋର ୧୬୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୧ ଜଣ ପାସ କରିଥିବା ଜଣାପଡ଼ିଛି। ସେହିପରି ସଡଙ୍ଗ କଲେଜର ୬୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୦ ପାସ କରିଛନ୍ତି। ସୁମିତ୍ରା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସେହ୍ନାଞ୍ଜଳି ସା ୪୦୯ ନମ୍ବର ରଖି ଦ୍ୱିତୀୟ, ତୃପ୍ତିମୟୀ ବ୍ରହ୍ମ ୩୭୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛେନାପଦି ବିଶ୍ୱ ତାରିଣୀ ମହିଳା +୨ଦୁଇ କଲେଜରେ ଭାରତୀ ପଣ୍ଡା କଲେଜ ଟପ୍ପର ହୋଇଛନ୍ତି। ଭାରତୀ ୪୭୩ ମାର୍କ ରଖି ଥିବା ଜଣାପଡ଼ିଛି। ଇତିଶ୍ରୀ ସାବତ୍ ୪୬୦ ନଂ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କଲେଜରେ ମୋଟ ୧୮୩ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେଥି ମଧ୍ୟରୁ ପ୍ରଥମ ସ୍ଥାନରେ ୧୮, ଦ୍ୱିତୀୟ ସ୍ଥାନରେ ୧୯ ଓ ତୃତୀୟ ସ୍ଥାନ ୯୬ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କଲେ ପ୍ରଣବ

ନୀଳଗିରି,୨୭।୫(ପ୍ରଶାନ୍ତ ବିଶ୍ୱାଳ)– ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ନୀଳଗିରି ନିର୍ବାଚନ ମଣ୍ଡଳୀରେ ଭାଜପା ଓ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଜେଡି ତରଫରୁ ଏକ ବିଶାଳ ରୋଡ଼ ଶୋ ବାଲେଶ୍ୱର ଜିଲା ନୀଳଗିରି ସୀମାନ୍ତ ଆମୁଢିହା ନିକଟରୁ ବାହାରିଥିଲା। ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ବାଲେଶ୍ୱର ଲୋକସଭା ଏମ୍‌ପି ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଏବଂ ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକ ବାହାରି ନୀଳଗିରି ବାଇପାସ୍ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ପରେ ପଞ୍ଚଲିଙ୍ଗେଶ୍ୱର ଛକ ହୋଇ ଈଶ୍ୱରପୁରଠାରେ ପହଞ୍ଚି ଏକ ବିରାଟ ସମାବେଶକୁ ଉଦ୍‌ବୋଧନ ଦେଇଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ହେଲେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଉପସ୍ଥିତ ହଜାର ହଜାର ଜନତାଙ୍କୁ ନିବେଦନ କରିଥିଲେ।



